## ଭୀମା କୋରେଗାଓଁ ମାମଲା

# ଏନ୍‌ଆଇଏଠାରୁ କୈଫିୟତ ଲୋଡିଲେ ହାଇକୋର୍ଟ

**ନୂଆଦିଲ୍ଲୀ, ୨୨।୫/ଏଜେନ୍ସି :** ମାନବାଧିକାର କର୍ମୀ ଗୌତମ ନଭଲାଖାଙ୍କୁ ଅନ୍ତରୀଣ ଜାମିନ ମାମଲାରେ ଦିଲ୍ଲୀ ହାଇକୋର୍ଟ ଏନ୍‌ଆଇଏଠାରୁ କୈଫିୟତ ତଲବ କରିଛନ୍ତି। ବୟସାଧିକ କାରଣ ଦର୍ଶାଇ ଜେଲରେ କରୋନା ସଂକ୍ରମଣର ଆଶଙ୍କା ଥିବା ଦର୍ଶାଇ ନଭଲାଖା ଜାମିନ ପାଇଁ ଆବେଦନ କରିଛନ୍ତି। ଜଷ୍ଟିସ୍ ଅନୁପ ଜେ ଭାମଭାନୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପିଟିସନ୍‌ର ଶୁଣାଣି କରି ଏନ୍‌ଆଇଏକୁ ନୋଟିସ୍ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ୨୭ ତାରିଖ ଧାର୍ଯ୍ୟ କରାଯାଇଛି। ବରିଷ୍ଠ ନାଗରିକ ଗୌତମ ନଭଲାଖାଙ୍କୁ ଉଚ୍ଚ ରକ୍ତଚାପ, ଜଟିଳ ଗ୍ୟାସ୍ ସମସ୍ୟା ସମେତ ଏକାଧିକ ରୋଗ ଆକ୍ରାନ୍ତ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୬୭ ବର୍ଷୀୟ ନଭଲାଖା ଏପ୍ରିଲ ୧୪ରେ ଏନ୍‌ଆଇଏ ନିକଟରେ ଆତ୍ମସମର୍ପଣ କରିଥିଲେ। ସେହିଦିନଠାରୁ ତାଙ୍କୁ ତିହାର ଜେଲରେ ରଖାଯାଇଛି।